# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17th September – 2025**

**News Editor : Itishree Singh Rathaur**

********************************

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରଦେଶର ଧାର୍‌ଠାରେ **ସୁସ୍ଥ ନାରୀ ସଶକ୍ତ ପରିବାର** ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

— ଅଭିଯାନ ମାଧ୍ୟମରେ ଉପକୃତ ହେବେ ରାଜ୍ୟର ଦେଢ଼ କୋଟି ମହିଳା

- ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଭାରତକୁ ଏକ ନୂତନ ଗତି ଓ ଦିଗ ପ୍ରଦାନ କରିଛି, କହିଲେ ମୁଖ୍ୟମନ୍ତ୍ରୀ

- ସେବା ପର୍ବ ଅବସରରେ 'ଏକ ପେଡ୍ ମା' କେ ନାମ୍-୨.୦' ଅଭିଯାନରେ ରାଜ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ଚାରାରୋପଣ

ଏବଂ

- ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ

# ସୁସ୍ଥ ନାରୀ ସଶକ୍ତ ନାରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶର ଧାରଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଏବଂ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ୍ ସିନ୍ଦୂର ମାଧ୍ୟମରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ଼ ଜବାବ ଦିଆଯାଇଛି । ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ପୂଜାର ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ରର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦକ୍ଷ ଯୁବକମାନଙ୍କୁ ପ୍ରଶଂସା କରିଛନ୍ତି ।

## - V/O -(PM)

ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ  ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଦେଶବ୍ୟାପୀ ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରଧାନମନ୍ତ୍ରୀ ଆଜି ସହାୟତା ରାଶି ଆଜି ପ୍ରଦାନ କରିଛନ୍ତି। ପ୍ରାୟ ୧୫ ଲକ୍ଷ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଡି.ବି.ଟି. ମାଧ୍ୟମରେ ଅର୍ଥ ପଠାଯାଇଛି ।

ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉନ୍ନତି ଦିଗରେ ସଚେତନତା ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ସୁମନଶକ୍ତି ଚାଟ୍‌ବଟ୍‌ର ଶୁଭାରମ୍ଭ ସହ ଆଦି କର୍ମଯୋଗୀ

ଅଭିଯାନର ଅଂଶସ୍ୱରୂପ ମଧ୍ୟପ୍ରଦେଶ ପାଇଁ ଆଦିସେବା ପର୍ବର ମଧ୍ୟ ଶୁଭାରମ୍ଭ କରିଛନ୍ତି ।

ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଆର୍ଥିକ ସଶକ୍ତୀକରଣ ପର୍ଯ୍ୟନ୍ତ ନାରୀ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ଯୋଜନା ସହଯୋଗର ହାତ ବଢ଼ାଇଛି। 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ମାଧ୍ୟମରେ ରାଜ୍ୟର ଦେଢ଼ କୋଟି ମହିଳା ଉପକୃତ ହେବେ ବୋଲି **ମୁଖ୍ୟମନ୍ତ୍ରୀ** କହିଛନ୍ତି।

## ଜନ୍ମଦିନ-ସେବାପର୍ବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଭାରତକୁ ଏକ ନୂତନ ଗତି ଏବଂ ଦିଗ ପ୍ରଦାନ କରିଛି। ଓଡ଼ିଶା ସହିତ ସମଗ୍ର ଦେଶରେ ଉନ୍ନତିର ଐତିହାସିକ ଉପଲବ୍ଧି ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସମ୍ଭବ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -(ମୁଖ୍ୟମନ୍ତ୍ରୀ)**

## ମା' ପାଇଁ ଗଛଟିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଆଜି ରାଜ୍ୟବ୍ୟାପୀ 'ଏକ୍ ପେଡ୍ ମା' କେ ନାମ୍' ପ୍ରୟାସର ଅଂଶସ୍ୱରୂପ ୭୫ ଲକ୍ଷ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଓଡ଼ିଶା ୧ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ କରି ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଛି ।

**ମୁଖ୍ୟମନ୍ତ୍ରୀ** ମୋହନ ମାଝୀ ଭୁବନେଶ୍ୱରସ୍ଥିତ ଏକାମ୍ର ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ଏକ ପେଡ୍ ମା' କେ ନାମ୍-୨.୦' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ କଲେଜ ପରିସରରେ ଚାରାରୋପଣ କରିଥିଲେ ।ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ସଂସ୍କରଣରେ ରାଜ୍ୟ ସରକାର ସାଢ଼େ ୭ କୋଟି ଚାରା ରୋପଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସେବା ପକ୍ଷର ଶୁଭାରମ୍ଭ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ସମ୍ବଲପୁର ସୈନିକ ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଚାରା ରୋପଣ କରିବା ସହ ଏକ ରକ୍ତଦାନ ଶିବିରର ଉଦ୍‌ଘାଟନ କରିଛନ୍ତି ।

## ବିଧାନସଭା

ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ କମିଶନରେଟ୍ ପୁଲିସ୍ ପକ୍ଷରୁ ବିଧାନସଭା ପରିସରରେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଇଛି । ଏ ସମ୍ପର୍କରେ ପୁଲିସ୍

କମିଶନର ଏସ.ଦେବଦତ୍ତ ସିଂ କହିଛନ୍ତି, ବିଧାନସଭା ଅଧିବେଶନ ସମୟରେ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ। ଏଥିପାଇଁ ୩୦ ପ୍ଲାଟୁନ୍ ଫୋର୍ସ୍ ମୁତୟନ ରହିବେ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗତକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ମୌସୁମୀ ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି।

## ଇଭିଏମ୍

ଇଭିଏମ୍ ବାଲାଟ ପେପରର ଡିଜାଇନ୍ ଓ ମୁଦ୍ରଣକୁ ଅଧିକ ସ୍ୱଷ୍ଟ ଓ ପଠନ ଉପଯୋଗୀ କରିବା ଲାଗି ନିର୍ବାଚନ କମିଶନ ନିର୍ବାଚନ ନିୟମରେ ଥିବା ପ୍ରଚଳିତ ନିୟମାବଳୀରେ ସଂଶୋଧନ କରିଛନ୍ତି। ଭୋଟରଙ୍କ ସୁବିଧା ଲାଗି ଗତ ଛଅମାସ ମଧ୍ୟରେ କମିଶନ ୨୮ଟି ପଦକ୍ଷେପ ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାରେ ଉନ୍ନତି ଆଣିବା ଲାଗି ଏଭଳି ନିଷ୍ପତ୍ତି ନେଇଛନ୍ତି। ସଂଶୋଧିତ ନିୟମାବଳୀ ଅନୁଯାୟୀ ଇଭିଏମ୍ ବାଲାଟ ପେପରରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ଛପାଯିବ ଓ ସେମାନଙ୍କ ମୁଖମଣ୍ଡଳ ନିର୍ଦ୍ଧାରିତ ଫଟୋ ସ୍ଥାନର ତିନି ଚତୁର୍ଥାଂଶ ରହିବ ବୋଲି ନିର୍ଦ୍ଦେଶାବଳୀରେ କୁହାଯାଇଛି। ବାଲାଟ ପେପରରେ ସମାନତା ବଜାୟ ରଖିବା ଲାଗି ସବୁ ପ୍ରାର୍ଥୀଙ୍କ ନାମ ଓ ନୋଟା ବିକଳ୍ପର ମଧ୍ୟ ସମାନ ଅକ୍ଷର ରହିବ। ବିହାର ବିଧାନସଭା ନିର୍ବାଚନରେ ଏହି ଉନ୍ନତ ବାଲାଟ ପେପରର ବ୍ୟବହାର ଆରମ୍ଭ କରାଯାଇ ପରବର୍ତ୍ତୀ ନିର୍ବାଚନଗୁଡ଼ିକରେ ଲାଗୁ କରାଯିବ। ନିର୍ବାଚନ କମିଶନ ଏ ସଂକ୍ରାନ୍ତରେ ସବୁ

ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ନିର୍ବାଚନ କମିଶନ କହିଛନ୍ତି, ପ୍ରତିଦ୍ୱନ୍ଦିତା କରୁଥିବା ଅତି ବେଶିରେ ୧୫ ଜଣ ପ୍ରାର୍ଥୀଙ୍କ ନାମ ଗୋଟିଏ ବାଲାଟ୍ ପେପରରେ ସ୍ଥାନ ପାଇବ ଓ ନୋଟା ବିକଳ୍ପ ପ୍ୟାନେଲ୍‌ରେ ଥିବା ପ୍ରାର୍ଥୀଙ୍କ ଶେଷ ନାମ ପରେ ରହିବ।

## ଜିଏସ୍‌ଟି ସଂସ୍କାର

ଜିଏସଟି ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ଜିଏସଟି ସଂସ୍କାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ନାଗରିକଙ୍କ ଜୀବନକୁ ସରଳ ଏବଂ ସହଜ କରିବା ଲକ୍ଷ୍ୟ ନେଇ ଅନେକ କ୍ଷେତ୍ରରେ ଟିକସ ହାର ହ୍ରାସ ପାଇଁ ନିଷ୍ପତ୍ତି ହୋଇଛି । ଅଣପାରମ୍ପରିକ ଶକ୍ତି କ୍ଷେତ୍ରରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ସ୍ୱଚ୍ଛ ଶକ୍ତି, ବିଦ୍ୟୁତ ଶକ୍ତିକୁ ଅଧିକ ସୁବିଧାଜନକ କରିବା ପାଇଁ ଜିଏସ୍‌ଟି ହ୍ରାସ କରାଯାଇଛି। ଏହା ଫଳରେ ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା, ସୌରପମ୍ପ, ଶକ୍ତି ଆଧାରିତ ଯନ୍ତ୍ରାଂଶ, ଶିଳ୍ପ, ସବୁଜ ଶକ୍ତି ପ୍ରକ୍ରିୟା କରଣ କ୍ଷେତ୍ର ଲାଭଜନକ ହୋଇପାରିବ। ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ଯୋଗୁଁ ସୌରଶକ୍ତି କ୍ଷେତ୍ର ସୁଦୃଢ଼ ହେବା ସହ ଅଣପାରମ୍ପରିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ବିଶ୍ୱଗୁରୁ ଭାବେ ଉଭା ହୋଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଜିଏସ୍‌ଟି

**ରାୟଗଡ଼ା** ଜିଲ୍ଲା ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ମଣ୍ଡଳ ତରଫରୁ ବାଣିଜ୍ୟ କର କାର୍ଯ୍ୟାଳୟ ପରିସରରେ ଜିଏସ୍‌ଟି ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଯୁଗ୍ମ କମିଶନର ଅବିନାଶ ଚୌଧୁରୀ ଏଥିରେ ଯୋଗଦେଇ ଜିଏସ୍‌ଟି ସ୍ତରରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି।

## ପିଏମ୍ ଆବାସ ଯୋଜନା

**ପୁରୀ** ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରତ୍ନଭଣ୍ଡାର ସବ୍‌କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ବୈଠକରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ସ୍ଥାୟୀ ରତ୍ନଭଣ୍ଡାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତର ନେଇ ନିଷ୍ପତ୍ତି ନିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ସେହିଭଳି ରତ୍ନ ଅଳଙ୍କାରର ଗଣତି-ମଣତି ନେଇ ଆଲୋଚନା ହେଉଛି। ବୈଠକରେ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ଛତିଶା ନିଯୋଗ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

## କାର୍ଯ୍ୟାଦେଶ ବଣ୍ଟନ

**ପୁରୀ** ଟାଉନ୍‌ହଲ୍ ପରିସରରେ ୧୦୬ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାରେ କାର୍ଯ୍ୟଦେଶ ବଣ୍ଟନ କରାଯାଇଛି। ପୁରୀ

ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରତ୍ୟେକ ବ୍ୟକ୍ତିର ଘର ପାଇଁ ଥିବା ସ୍ୱପ୍ନକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଫଳ କରୁଛି ବୋଲି କହିଛନ୍ତି। ଏହି ଅବସରରେ ଅତିଥିମାନେ ଟାଉନ୍‌ହଲ ପରିସରରେ ଚାରା ରୋପଣ କରି ରଙ୍ଗୋଲି ଓ ବିଭିନ୍ନ ବିଭାଗ ପକ୍ଷରୁ କରାଯାଇଥିବା ସଚେତନତା ଷ୍ଟଲକୁ ବୁଲି ଦେଖିଛନ୍ତି।

## ସୁସ୍ଥ ନାରୀ ସଶକ୍ତ ପରିବାର

ରାଜ୍ୟର ବିଭିନ୍ନ ସ୍ଥାନରେ 'ସୁସ୍ଥ ନାରୀ, ସଶକ୍ତ ପରିବାର'ର ଶୁଭାରମ୍ଭ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟଶିବିରମାନ ଆୟୋଜିତ ହୋଇଯାଇଛି।

**ନୂଆପଡ଼ା** ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟଶିବିରର ଆୟୋଜନ କରାଯାଇଛି। **ନୟାଗଡ଼** ଜିଲ୍ଲାରେ ଆସନ୍ତା ୧୫ ଦିନ ମଧ୍ୟରେ ମୋଟ ୧ ହଜାର ୭୯୦ଟି ଶିବିର ଆୟୋଜନ କରାଯାଇ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନକୁ ତ୍ୱରାନ୍ୱିତ କରାଯିବା ଲାଗି ଯୋଜନା ରହିଛି। ଆଜି ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟଶିବିରରେ ଯୋଗଦେଇ ସବୁ ବୟସର ମହିଳା ଓ ଝିଅମାନଙ୍କର ଚିକିତ୍ସା ସେବା ଦେଖି ଖୁସି ବ୍ୟକ୍ତ କରିଛନ୍ତି।

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଯୋଗଦେଇଥିଲେ। **ଯାଜପୁର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଶୁଭାରମ୍ଭ କରିଥିଲେ।

**ମାଲକାନଗିରି** ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ବିଶେଷଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ।

## ମା’ ପାଇଁ ଗଛଟିଏ-ଜିଲ୍ଲା

ସେବା ପକ୍ଷର ଶୁଭାରମ୍ଭ ଅବସରରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ‘ଏକ୍ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମରେ ଚାରାରୋପଣ ହୋଇଯାଇଛି।

**କଟକ** ଜିଲ୍ଲା ବାରଙ୍ଗ ବ୍ଲକ୍ ମୁଣ୍ଡୁଳି ଗ୍ରାମପଂଚାୟତ କାର୍ଯ୍ୟାଳୟଠାରେ ମତ୍ସ୍ୟ, ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗଦେଇ ଧରିତ୍ରୀମାତାଙ୍କୁ ସୁରକ୍ଷିତ ରଖିବା ପାଇଁ ‘ଏକ୍ ପେଡ୍ ମା’ କେ ନାମ୍’ ଏକ ଅଭିନବ ଅଭିଯାନ ବୋଲି କହିଛନ୍ତି। କଟକ ଜିଲ୍ଲାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଯିବା ଉପରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ଗୁରୁତ୍ୱାରୋପ କରିଥିଲେ।

**ଢେଙ୍କାନାଳ**ର ଓଏସ୍ଏପି ପ୍ରଥମ ବାଟାଲିୟନ୍ଠାରେ ‘ଏକ ପେଡ୍ ମା’ କେ ନାମ୍’-୨.୦ ଅଭିଯାନରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ।

## ଅଙ୍ଗୀକାର ଶିବିର

**ରାୟଗଡ଼ା** ପୌରପରିଷଦସ୍ଥିତ ଅଶୋକ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ‘ଅଙ୍ଗୀକାର-୨୦୨୫’

ସଚେତନତା ଶିବିର ଉଦ୍‌ଘାଟିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀ ଏବଂ ନୂତନ ଭାବେ ଆବାସ ଯୋଜନାରେ ପକ୍‌କା ଘର ପାଇଁ ଆବେଦନ କରିଥିବା ହିତାଧିକାରୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପିଏମ୍‌-ସ୍ୱନିଧି, ପିଏମ୍‌-ବିଶ୍ୱକର୍ମା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ପିଏମ୍‌ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନାରେ ପଞ୍ଜୀକୃତ କରାଯାଇଛି । ଏହା ଆଜିଠାରୁ ଆରମ୍ଭ ହୋଇ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ପ୍ରତିଭା ଚୟନ

**ଦେବଗଡ଼** ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍‌ ଛାତ୍ରଛାତ୍ରୀମାନଙ୍କର କ୍ରୀଡା ପ୍ରତିଭା ଚୟନ ଶିବିର ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩ଟି ବ୍ଲକ୍‌ରୁ ଚୟନ ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ଟି ପର୍ଯ୍ୟାୟରେ ହକି, ହ୍ୟାଣ୍ଡବଲ୍‌, ବ୍ୟାଡମିଣ୍ଟନ, ଭଲିବଲ, ତୀରଚାଳନା ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ଲାଗି ଖେଳ ଚୟନ କରାଯାଇଛି ।

# ବିଶ୍ୱକର୍ମା ପୂଜା

କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ଶ୍ରୀବିଶ୍ୱକର୍ମାଙ୍କ ଆବିର୍ଭାବ ହୋଇଥିବାରୁ ଆଜି ଭକ୍ତି ଓ ନିଷ୍ଠାର ସହ ଶ୍ରୀବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା

କରାଯାଉଛି । ବିଶ୍ୱକର୍ମାଙ୍କୁ ନିର୍ମାଣ ଏବଂ ସୃଜନର ଦେବତା ଭାବେ ପୂଜା କରାଯାଇଥାଏ। ଧାର୍ମିକ ତଥ୍ୟ ଆଧାରରୁ ଜଣାଯାଏ ଯେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ୍ ବିଶ୍ୱ ଭୂବନ ନିର୍ମାଣ କରିଥିଲେ । ଦେବତାମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସ୍ୱର୍ଗର ଅମରାବତୀ ଶ୍ରୀ ବିଶ୍ୱକର୍ମାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ । ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତୀନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ଶ୍ରୀବିଶ୍ୱକର୍ମାଙ୍କ ଶ୍ରେଷ୍ଠ ନିର୍ମାଣର ନିଦର୍ଶନ ବୋଲି ପୁରଣଶାସ୍ତ୍ରରେ କୁହାଯାଇଛି । ବିଶ୍ୱ ନିର୍ମାଣକର୍ତ୍ତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଛି । ରାଜ୍ୟର ଶିଳ୍ପାନୁଷ୍ଠାନ ଗୁଡ଼ିକରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି ।